DR Case ନଂ -08/2025

ଫର୍ମ ନମ୍ବର -III

ପି.ଆର ନଂ- ୩୨୫୩

ତା. ୨୧|୭|୨୫

ନିୟମ ୫ (୪) ଦ୍ରଷ୍ଟବ୍ୟ

## ମହକାମେ ଶ୍ରୀମାନ ତହସିଲଦାର ଙ୍କ କାର୍ଯାଳୟ, ବଲାଙ୍ଗିର

### ଘୋଷଣା

ମୌଜା 'କୁଟୁରାପାଲି' ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୌଜା-'କୁଟୁରାପାଲି' ,ଥାନା-ଲୋଇସିଂହା, ଜିଲ୍ଲା – ବଲାଙ୍ଗିରର ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାର ମାର୍ଫତ କୁଟୁରାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ, ବଲାଙ୍ଗିରଙ୍କ ନାମରେ କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ,ବଲାଙ୍ଗିର ଆବେଦନ କରିଛନ୍ତି। ଏହି ଜମିକୁ ରକ୍ଷିତ ଖାତାରୁ ଅନାବାଦି ଖାତାକୁ ପରିବର୍ତ୍ତନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏଥିରେ ଯଦି କାହାରି କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଘୋଷଣା ଜାରିହେବାର 15 ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜଲାସରେ ଟ. ୨୦/- (କୋଡିଏ ଟଙ୍କା) ମାତ୍ର କୋର୍ଟ 'ଫି' ଲଗାଇ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ ।

### ତଫସିଲଭୁକ୍ତ ଜମି

ମୌଜା-'କୁଟୁରାପାଲି' ଥାନା- ଲୋଇସିଂହା ଥାନା ନମ୍ବର-110 ରାଜସ୍ୱ ସର୍କଲ- 'ସକମା'

| ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ରକବା (ଏକର ରେ ) | ମାର୍କ | ଆବଶ୍ୟକ ରକବା (ଏକର ରେ ) |
|---|---|---|---|---|---|
| 115 (ରକ୍ଷିତ) | 245 | ଡେରାଘର | 0.02 | ପୁରା | 0.02 |
| ମୋଟ | **1 ପ୍ଲଟ** | | | | 0.02 |

Lagnajit 21.7.25

ତହସିଲଦାର, ବଲାଙ୍ଗିର

ଏହାର ଏକକିତା ନକଲ ଜିଲ୍ଲା ୱେବ ସାଇଟ ରେ ପ୍ରକାଶନ ପାଇଁ District Information Officer, NIC, Balangir ଙ୍କୁ ପ୍ରେରଣ କରାଗଲା।

ଏହାର ଏକକିତା ନକଲ 'କୁଟୁରାପାଲି' ଗ୍ରାମର କେନ୍ଦ୍ର ସ୍ଥଳରେ ଲଗାଇବା ପାଇଁ ଓ ଡାକ ବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରିବା ପାଇଁ ରାଜସ୍ୱ ନିରିକ୍ଷକ,ସକମାଙ୍କୁ ଆଦେଶ ଦିଆଗଲା ଓ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ ରେ ବହୁଳ ପ୍ରଚାର ନିମନ୍ତେ ଦିଆଗଲା।

ଏହାର ଏକକିତା ନକଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ,ସକମାଙ୍କୁ ବହୁଳ ପ୍ରଚାର ପ୍ରସାର ପାଇଁ ପ୍ରେରଣ କରାଗଲା।

ଏହାର ଏକକିତା ନକଲ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବଲାଙ୍ଗିରଙ୍କୁ ପ୍ରେରଣ କରାଗଲା।

Lagnajit 21.7.25

ତହସିଲଦାର, ବଲାଙ୍ଗିର